ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ (ଭାଗ - ୨)

108 Upanishad (Vol – 2)


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା**' ଓ '**ବ୍ରହ୍ମବିଦ୍ୟା**' ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ଵୃଚ, | - | ଅକ୍ଷମାଲିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ଵେତାଶ୍ଵତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ଵତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ଵ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖି-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସମୁଦାୟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ସାମାନ୍ୟ ଉପନିଷଦ

(Minor Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ବଜ୍ରସୂଚିକା ଉପନିଷଦ

(Bajrasuchikopanisat / Bajrasuchika Upanishad)


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


**ଶୁଦ୍ଧିକରଣ (**Proofreading by)

ଶ୍ରୀ ଶେଷଦେବ ଦାଶ




## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com


# ଶୁଦ୍ଧିକରଣ




## ଶ୍ରୀ ଶେଷଦେବ ଦାଶ

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ବଜ୍ରସୂଚିକୋପନିଷତ୍ / ବଜ୍ରସୂଚିକା ଉପନିଷଦ

## ।। ଅଥ ବଜ୍ରସୂଚିକୋପନିଷତ୍ ।।

ଯଜ୍ଜ୍ଞାନାଦ୍ୟାନ୍ତି ମୁନୟୋ ବ୍ରାହ୍ମଣ୍ୟଂ ପରମାଦ୍-ଭୁତମ୍ ।
ତତ୍ତ୍ରୈପଦବ୍ରହ୍ମତତ୍ତ୍ୱମହମସ୍ମୀତି ଚିନ୍ତୟେ ।।

**ଓଁ ଆପ୍ୟାୟନ୍ତ୍ୱିତି ଶାନ୍ତିଃ ।।**

ଚିତ୍ସଦାନନ୍ଦରୂପାୟ ସର୍ବଧୀବୃତ୍ତିସାକ୍ଷିଣେ ।
ନମୋ ବେଦାନ୍ତବେଦ୍ୟାୟ ବ୍ରହ୍ମଣେଽନନ୍ତରୂପିଣେ ।।

ଓଁ ବଜ୍ରସୂଚୀଂ ପ୍ରବକ୍ଷ୍ୟାମି ଶାସ୍ତ୍ରମଜ୍ଞାନଭେଦନମ୍ ।
ଦୂଷଣଂ ଜ୍ଞାନହୀନାନାଂ ଭୂଷଣଂ ଜ୍ଞାନଚକ୍ଷୁଷାମ୍ ।। ୧।।

ବ୍ରାହ୍ମକ୍ଷତ୍ରିୟବୈଷ୍ୟଶୂଦ୍ରା ଇତି ଚତ୍ୱାରୋ ବର୍ଣ୍ଣାସ୍ତେଷାଂ ବର୍ଣ୍ଣାନାଂ
ବ୍ରାହ୍ମଣ ଏବ ପ୍ରଧାନ ଇତି ବେଦବଚନାନୁରୂପଂ ସ୍ମୃତିଭିରପ୍ୟୁକ୍ତମ୍ ।
ତତ୍ର ଚୋଦ୍ୟମସ୍ତି କୋ ବା ବ୍ରାହ୍ମଣୋ ନାମ କିଂ ଜୀବଃ କିଂ ଦେହଃ କିଂ ଜାତିଃ କିଂ
ଜ୍ଞାନଂ କିଂ କର୍ମ କିଂ ଧାର୍ମିକ ଇତି ।
ତତ୍ର ପ୍ରଥମୋ ଜୀବୋ ବ୍ରାହ୍ମଣ ଇତି ଚେତ୍ତନ୍ନ ।
ଅତୀତାନାଗତାନେକଦେହାନାଂ ଜୀବସ୍ୟୈକରୂପତ୍ୱାତ୍ ଏକସ୍ୟାପି
କର୍ମବଶାଦନେକଦେହସଂଭବାତ୍ ସର୍ବଶରୀରାଣାଂ ଜୀବସ୍ୟୈକରୂପତ୍ୱାଚ୍ଚ ।
ତସ୍ମାନ୍ନ ଜୀବୋ ବ୍ରାହ୍ମଣ ଇତି । ତର୍ହି ଦେହୋ ବ୍ରାହ୍ମଣ ଇତି ଚେତ୍ତନ୍ନ ।

Not For Commercial Use

ଆଚାଣ୍ଡାଲାଦିପର୍ଯ୍ୟନ୍ତାନାଂ ମନୁଷ୍ୟାଣାଂ ପଞ୍ଚଭୌତିକତ୍ୱେନ
ଦେହସ୍ୟୈକରୂପତ୍ୱାଜ୍ଜରାମରଣଧର୍ମାଧର୍ମାଦିସାମ୍ୟଦର୍ଶନାଦ୍ବ୍ରାହ୍ମଣଃ
ଶ୍ୱେତବର୍ଣ୍ଣଃ କ୍ଷତ୍ରିୟୋ ରକ୍ତବର୍ଣ୍ଣୋ ବୈଶ୍ୟଃ ପୀତବର୍ଣ୍ଣଃ ଶୂଦ୍ରଃ କୃଷ୍ଣବର୍ଣ୍ଣଃ ଇତି ନିୟମାଭାବାତ୍ ।
ପିତ୍ରାଦିଶରୀରଦହନେ ପୁତ୍ରାଦୀନାଂ ବ୍ରହ୍ମହତ୍ୟାଦିଦୋଷସଂଭବାଚ୍ଚ ।
ତସ୍ମାନ୍ନ ଦେହୋ ବ୍ରାହ୍ମଣ ଇତି ।।

ତର୍ହି ଜାତିବ୍ରାହ୍ମଣ ଇତି ଚେତ୍ତନ୍ନ ।
ତତ୍ର ଜାତ୍ୟନ୍ତରଜନ୍ତୁଷ୍ୱନେକଜାତିସଂଭବା ମହର୍ଷୟୋ ବହବଃ ସନ୍ତି ।
ଋଷ୍ୟଶୃଙ୍ଗୋ ମୃଗ୍ୟାଃ, କୌଶିକଃ କୁଶାତ୍, ଜାମ୍ବୂକୋ ଜାମ୍ବୂକାତ୍, ବାଲ୍ମୀକୋ ବାଲ୍ମୀକାତ୍,
ବ୍ୟାସଃ କୈବର୍ତକନ୍ୟାକାୟାମ୍, ଶଶପୃଷ୍ଠାତ୍ ଗୌତମଃ, ବସିଷ୍ଠ ଉର୍ବଶ୍ୟାମ୍, ଅଗସ୍ତ୍ୟଃ
କଲଶେ ଜାତ ଇତି ଶୃତତ୍ୱାତ୍ ।
ଏତେଷାଂ ଜାତ୍ୟା ବିନାପ୍ୟଗ୍ରେ ଜ୍ଞାନପ୍ରତିପାଦିତା ଋଷୟୋ ବହବଃ ସନ୍ତି ।
ତସ୍ମାନ୍ନ ଜାତିବ୍ରାହ୍ମଣ ଇତି ।।

ତର୍ହି ଜ୍ଞାନଂ ବ୍ରାହ୍ମଣ ଇତି ଚେତ୍ତନ୍ନ ।
କ୍ଷତ୍ରିୟାଦୟୋଽପି ପରମାର୍ଥଦର୍ଶିନୋଽଭିଜ୍ଞା ବହବଃ ସନ୍ତି ।
ତସ୍ମାନ୍ନ ଜ୍ଞାନଂ ବ୍ରାହ୍ମଣ ଇତି ।।

ତର୍ହି କର୍ମ ବ୍ରାହ୍ମଣ ଇତି ଚେତ୍ତନ୍ନ ।
ସର୍ବେଷାଂ ପ୍ରାଣିନାଂ ପ୍ରାରବ୍ଧସଂଚିତାଗାମିକର୍ମସାଧର୍ମ୍ୟଦର୍ଶନାତ୍କର୍ମାଭିପ୍ରେରିତାଃ ସନ୍ତୋ ଜନାଃ
କ୍ରିୟାଃ କୁର୍ବନ୍ତୀତି । ତସ୍ମାନ୍ନ କର୍ମ ବ୍ରାହ୍ମଣ ଇତି ।।

ତର୍ହି ଧାର୍ମିକୋ ବ୍ରାହ୍ମଣ ଇତି ଚେତ୍ତନ୍ନ ।
କ୍ଷତ୍ରିୟାଦୟୋ ହିରଣ୍ୟଦାତାରୋ ବହବଃ ସନ୍ତି ।
ତସ୍ମାନ୍ନ ଧାର୍ମିକୋ ବ୍ରାହ୍ମଣ ଇତି ।।

Not For Commercial Use

ତର୍ହି କୋ ବା ବ୍ରହ୍ମଣୋ ନାମ ।
ୟଃ କଶ୍ଚିଦାତ୍ମାନମଦ୍ୱିତୀୟଂ ଜାତିଗୁଣକ୍ରିୟାହୀନଂ ଷଡୂର୍ମିଷଡ୍ଭାବେତ୍ୟାଦିସର୍ବଦୋଷରହିତଂ
ସତ୍ୟଜ୍ଞାନାନନ୍ଦାନନ୍ତସ୍ୱରୂପଂ ସ୍ୱୟଂ ନିର୍ବିକଲ୍ପମଶେଷକଲ୍ପାଧାରମଶେଷଭୂତାନ୍ତର୍ୟାମିତ୍ୱେନ
ବର୍ତମାନମନ୍ତର୍ବହିଶ୍ଚାକାଶବଦନୁସ୍ୟୂତମଖଣ୍ଡାନନ୍ଦସ୍ୱଭାବମପ୍ରମେୟମନୁଭବୈକବେଦ୍ୟମପରୋକ୍ଷତୟା
ଭାସମାନଂ କରତଲାମଲକବତ୍ସାକ୍ଷାଦପରୋକ୍ଷୀକୃତ୍ୟ କୃତାର୍ଥତୟା କାମରାଗାଦିଦୋଷରହିତଃ
ଶମଦମାଦିସଂପନ୍ନୋ ଭାବମାତ୍ସର୍ୟତୃଷ୍ଣାଶାମୋହାଦିରହିତୋ ଦମ୍ଭାହଂକାରଦିଭିରସଂସ୍ପୃଷ୍ଟଚେତା
ବର୍ତତ ଏବମୁକ୍ତଲକ୍ଷଣୋ ୟଃ ସ ଏବ ବ୍ରାହ୍ମଣ ଇତି ଶୃତିସ୍ମୃତିପୁରାଣେତିହାସାନାମଭିପ୍ରାୟଃ ।
ଅନ୍ୟଥା ହି ବ୍ରାହ୍ମଣତ୍ୱସିଦ୍ଧିର୍ନାସ୍ତ୍ୟେବ ।
ସଚ୍ଚିଦାନନ୍ଦମାତ୍ମାନମଦ୍ୱିତୀୟଂ ବ୍ରହ୍ମ ଭାବୟେଦାତ୍ମାନଂ
ସଚ୍ଚିଦାନନ୍ଦଂ ବ୍ରହ୍ମ ଭାବୟେଦିତ୍ୟୁପନିଷତ୍ ।।

**ଓଁ ଆପ୍ୟାୟନ୍ତ୍ୱିତି ଶାନ୍ତିଃ ।।**

## ।। ଇତି ବଜ୍ରସୂଚ୍ୟୁପନିଷତ୍ସମାପ୍ତା ।।



Not For Commercial Use